# NATIONAL NEWS BULLETIN (ODIA)

**30 August - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବବର୍ଗ ଅଭିଯାନ ଦେଶବ୍ୟାପୀ ତ୍ୱରାନ୍ୱିତ ହୋଇଛି, କହିଲେ ପ୍ରଧାନମନ୍ତ୍ରୀ ।

\- ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧନ କରି ସ୍ୱଚ୍ଛତା କ୍ଷେତ୍ରରେ କାର୍ଯ୍ୟ କରିଥିବା ଓଡ଼ିଶାର ମୈଥିଳୀ ଭୁଏଙ୍କ କଲେ ପ୍ରଶଂସା ।

- ତାସ୍କେଣ୍ଟଠାରେ ଉଜ୍‌ବେକିସ୍ତାନ ରାଷ୍ଟ୍ରପତିଙ୍କ ସହପ୍ରଧାନମନ୍ତ୍ରୀଙ୍କ ଦ୍ୱିପାକ୍ଷିକ ଆଲୋଚନା ।

- ବନ୍ୟା ପ୍ରଭାବିତ ନେପାଳକୁ ଭାରତ ପ୍ରଦାନ କରିଛି ୬୮ଟନ୍‌ରୁ ଅଧିକ ରିଲିଫ ସାମଗ୍ରୀ ।

\- ୭୩୪କୁ ବୃଦ୍ଧି ପାଇଲା ମୃତ୍ୟୁସଂଖ୍ୟା ।

ଏବଂ

- ମହିଳା ଟି-୨୦ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ଭାରତ ଓ ଥାଇଲାଣ୍ଡ ମଧ୍ୟରେ ଖେଳାଯିବ ମ୍ୟାଚ୍ ।

# ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବବର୍ଗ ଅଭିଯାନ ଦେଶବ୍ୟାପୀ ତ୍ୱରାନ୍ୱିତ ହୋଇଛି । ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରି ଶ୍ରୀ ମୋଦୀ କହିଛନ୍ତି ଦେଶର ଯୁବବର୍ଗଙ୍କ ସୁସ୍ଥ ଜୀବନଶୈଳୀ, ଖୁସି ଏବଂ ଉଜ୍ୱଳ ଭବିଷ୍ୟତ ପାଇଁ ଏହା ହେଉଛି ଏକ ସାମୁହିକ ସଂକଳ୍ପ । ନିଶାର ପ୍ରଭାବ ଯୋଗୁଁ କେବଳ ବ୍ୟକ୍ତି ନୁହେଁ ବରଂ ସମଗ୍ର ପରିବାର ଏବଂ ସମାଜ ପରିଣାମ ଭୋଗ କରିଥାନ୍ତି । ନିଶାମୁକ୍ତ ଭାରତ ଗଠନରେ ସାମିଲ ହୋଇଥିବା ପ୍ରତ୍ୟେକଙ୍କୁ ଶ୍ରୀ ମୋଦୀ ଉଚ୍ଚ ପ୍ରଶଂସା କରିଛନ୍ତି । ବିଭିନ୍ନ କ୍ଷେତ୍ରରେ ଏଥିପାଇଁ ପ୍ରୟାସ ଜାରି ରଖିବାକୁ ଶ୍ରୀ ମୋଦୀ ଆହ୍ୱାନ ଦେଇଛନ୍ତି । ଏଭଳି ଏକ ସାମାଜିକ ପରିବର୍ତ୍ତନ ପାଇଁ ସୃଜନଶୀଳତାକୁ ଏକ ମାଧ୍ୟମ ଭାବେ ବ୍ୟବହାର କରିବାକୁ ଶ୍ରୀ ମୋଦୀ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି ।

**V/O (PM Nisamukta)**

ଶ୍ରୀ ମୋଦୀ କହିଛନ୍ତି ପ୍ରଧାନମନ୍ତ୍ରୀ ସ୍ୱ-ନିଧି ଯୋଜନା ମାଧ୍ୟମରେ ମହିଳା ଅଧିକ ସଶକ୍ତ ହେଉଛନ୍ତି । ଏହି ଯୋଜନାର ପ୍ରାୟ ୪୬ ପ୍ରତିଶତ ହିତାଧିକାରୀ ହେଉଛନ୍ତି ମହିଳା । ଦେଶବ୍ୟାପୀ ପ୍ରାୟ ୩୫ଲକ୍ଷ ମହିଳା ଏହି ଯୋଜନା ସହ ସାମିଲ ହୋଇ ସେମାନଙ୍କର ବ୍ୟବସାୟ ବୃଦ୍ଧି କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏହି ଅବସରରେ ସେ କେତେକ ମହିଳା ହିତାଧିକାରୀଙ୍କ ସମ୍ପର୍କରେ ବର୍ଣ୍ଣନା କରିଛନ୍ତି ।

ସ୍ୱଚ୍ଛତା ସମ୍ପର୍କରେ ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ କହିଛନ୍ତି ଏହାକୁ ଏକ ସଂକଳ୍ପ ଭାବେ ଗ୍ରହଣ କଲେ ସ୍ଥାନୀୟ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ

ସମ୍ଭବ ହୋଇଥାଏ । ଶ୍ରୀ ଅମରନାଥ ଯାତ୍ରା ସମ୍ପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି ସେଠାରୁ ୪୦୦ଟନ୍‌ରୁ ଅଧିକ ଅଳିଆ ସଂଗ୍ରହ କରାଯାଇ ପ୍ରକ୍ରିୟାକରଣ କରାଯାଇଛି । ଏହି ଅବସରରେ ଶ୍ରୀ ମୋଦୀ ଓଡ଼ିଶାର ଦେବ୍ରିଗଡ ଅଞ୍ଚଳର ଧୋଡକୁସୁମର ମୈଥିଳି ଭୁଏଙ୍କ ପ୍ରଶଂସା କରିଛନ୍ତି । ଜୀବନରେ ସମୃଦ୍ଧି ହାସଲ କରିବା ସହ ପ୍ରକୃତିର ସୁରକ୍ଷା ଦାୟିତ୍ୱ ଗ୍ରହଣ କରିବା ସମ୍ଭବ ବୋଲି ସେ ପ୍ରମାଣ କରିଛନ୍ତି ।

**V/O (PM Vuye)**

ଶ୍ରୀ ମୋଦୀ ମିଶନ ଶକ୍ତି ସ୍ୟାଟ ଉପରେ ସୂଚନା ଦେଇ କହିଛନ୍ତି ଏଭଳି ପ୍ରୟାସ କନ୍ୟା ସନ୍ତାନଙ୍କର ମହାକାଶ କ୍ଷେତ୍ରର ସ୍ୱପ୍ନକୁ ସାକାର କରିବାରେ ସହାୟକ ହେଉଛି । ୧୦୮ଟି ଦେଶର ପାଖାପାଖି ୧୨ହଜାର କନ୍ୟାସନ୍ତାନ ନବସୃଜନ କ୍ଷେତ୍ରରେ ଏହି ମିଶନ ଅଧୀନରେ ସାଟେଲାଇଟ୍ ପ୍ରଯୁକ୍ତିବିଦ୍ୟା ଶିଖିବାର ସୁଯୋଗ ପାଉଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି ।

**V/O (PM Mishan Shakti Syaat)**

ଚଳିତମାସରେ ଅନୁଷ୍ଠିତ ଜାତୀୟ ହସ୍ତତନ୍ତ ଦିବସ, ଭାରତଛାଡ ଆନ୍ଦୋଳନ ବାର୍ଷିକୀ, ବିଭାଜନ ବିସ୍ମୟ ସ୍ମୃତି ଦିବସ ଆଦି ଉପରେ ଶ୍ରୀ ମୋଦୀ ଆଲୋକପାତ କରିଛନ୍ତି । ସ୍ୱାଧୀନତା ଦିବସ ଏବଂ ଜାତୀୟ ମହାକାଶ ଦିବସ ପ୍ରତ୍ୟେକ ନାଗରିକଙ୍କୁ ଗର୍ବିତ କରିଛି ବୋଲି ସେ କହିଛନ୍ତି । ହର୍ ଘର୍ ତିରଙ୍ଗା ଅଭିଯାନ ଏହି ଭାବନାକୁ ଅଧିକ ସଶକ୍ତ କରିଛି । ଚଳିତବର୍ଷ ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ପାଳନ ହେଉଥିବାରୁ ହର୍‌ଘର ତିରଙ୍ଗା ଅଭିଯାନ ସ୍ୱତନ୍ତ୍ର ହୋଇଛି ।

ଚଳିତବର୍ଷ ୮ କୋଟିରୁ ଅଧିକ ତ୍ରିରଙ୍ଗା ସେଲ୍‌ଫି ଅପ୍‌ଲୋଡ ହୋଇଥିବା ଶ୍ରୀ ମୋଦୀ ସୂଚନା ଦେଇଛନ୍ତି । ଆନ୍ତର୍ଜାତିକ ସ୍ତରରେ ପାଳିତ ହୋଇଥିବା ସୂର୍ଯ୍ୟପଥ ତ୍ରିରଙ୍ଗା ପଦକ୍ଷେପ ଉପରେ ମଧ୍ୟ ଶ୍ରୀ ମୋଦୀ

ଆଲୋକପାତ କରିଛନ୍ତି । ଆଗାମୀ ପାର୍ବଣ ଋତୁରେ ଜନ୍ମାଷ୍ଟମୀ, ବିଶ୍ୱକର୍ମା ପୂଜା, ଗଣେଶ ପୂଜା ଆଦି ଉପରେ ଆଲୋକପାତ କରି ଶ୍ରୀ ମୋଦୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ପାର୍ବଣ ଋତୁରେ ଭୋକାଲ ଫର୍ ଲୋକାଲକୁ ଆପଣେଇବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

## ପିଏମ୍-ଉଜ୍‌ବେକିସ୍ତାନ ଭିଜିଟ୍

ତାସ୍‌କେଣ୍ଟଠାରେ ଉଜ୍‌ବେକିସ୍ତାନ ରାଷ୍ଟ୍ରପତି ଶାଭକାତ୍ ମିର୍ଜିୟୋ-ୟେଭ୍ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ବୈଠକ ଜାରି ରହିଛି । ରାଷ୍ଟ୍ରପତି ଭବନରେ ଚାଲିଥିବା ଏହି ବୈଠକରେ ଉଭୟ ନେତାଙ୍କ ମଧ୍ୟରେ ବାଣିଜ୍ୟ ଏବଂ ନିବେଶ ପ୍ରତିରକ୍ଷା, ଡିଜିଟାଲ୍ ସଂଯୋଗୀକରଣ, ଶକ୍ତି, ଶିକ୍ଷା ଓ ଲୋକସମ୍ପର୍କ ଆଦି ବିଭିନ୍ନ କ୍ଷେତ୍ରରେ ସହଯୋଗ ନେଇ ସମୀକ୍ଷା ଚାଲିଛି । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଆଜି କେତେକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟସୂଚୀ ରହିଛି ।

ବୈଠକ ପୂର୍ବରୁ ଶ୍ରୀ ମୋଦୀ ଉଜ୍‌ବେକିସ୍ତାନର ଯୋଗ ମହାସଂଘ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ନେପାଳ ଫ୍ଲଡ

ବନ୍ୟା ପ୍ରଭାବିତ ନେପାଳକୁ ଭାରତ ଇତିମଧ୍ୟରେ ୬୮ ଦଶମିକ ୫ ଟନ୍ ରିଲିଫ ସାମଗ୍ରୀ ଯୋଗାଇ ଦେଇଛି । ସେଠାରେ ଅନୁସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟରେ ସହଯୋଗ ପାଇଁ ବୈଷୟିକ ଦଳ, ମୃତଦେହ ଚିହ୍ନଟ ପାଇଁ ଫୋରେନ୍‌ସିକ୍ ବିଶେଷଜ୍ଞ ଏବଂ ଆନୁଷଙ୍ଗିକ ଉପକରଣ ଭାରତ’

ନେପାଳକୁ ପ୍ରଦାନ କରିଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ କହିଛି ୧୧ଟନ୍ ରିଲିଫ ସାମଗ୍ରୀ ସହ ଚତୁର୍ଥ ବିମାନ ଆଜି ନେପାଳରେ ଅବତରଣ କରିଛି । ନୁଓ୍ୱାକୋଟ ଜିଲ୍ଲାରେ ବନ୍ୟା ପ୍ରଭାବିତ ତ୍ରିଶୁଳୀ ଅଞ୍ଚଳରେ ଭାରତୀୟ ବିଶେଷଜ୍ଞ ଦଳ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛନ୍ତି । ସେଥିରେ ଡାକ୍ତର, ଅନ୍ୟ ସ୍ୱାସ୍ଥ୍ୟସେବା କର୍ମଚାରୀ ଏବଂ ସୁଡ଼ଙ୍ଗ କ୍ଷେତ୍ର ସହ ଜଡିତ ବୈଷୟିକ ବିଶେଷଜ୍ଞ ଅନ୍ତର୍ଭୁକ୍ତ । ପ୍ରଭାବିତ ଅଞ୍ଚଳରେ ପରିବହନ ଯୋଗାଯୋଗକୁ ପୁନଃ ସ୍ଥାପନ କରିବା ପାଇଁ ନେପାଳ’ ଭାରତକୁ ୪୨ଟି ବେଲିସେତୁ ନିର୍ମାଣ ସହାୟତା ଯୋଗାଇ ଦେବାକୁ ଅନୁରୋଧ କରିଛି ।

ଅନ୍ୟପକ୍ଷରେ ବନ୍ୟାରେ ମୃତ୍ୟୁସଂଖ୍ୟା ୭୩୪କୁ ବୃଦ୍ଧି ପାଇଛି । ଅଢ଼େଇ ହଜାର ଲୋକ ଏବେମଧ୍ୟ ନିଖୋଜ ଅଛନ୍ତି । ସେମାନଙ୍କ ମଧ୍ୟରେ ୮୫ଜଣ ସୁରକ୍ଷାକର୍ମୀ ଏବଂ ୩୨୦ଜଣ ବିଦେଶୀ ନାଗରିକ ଅଛନ୍ତି । ପ୍ରଭାବିତ ଅଞ୍ଚଳରୁ ୮ହଜାର ୧୮୬ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି ।

ଭୋଟେକୋଶି ନଦୀରେ ପୁନର୍ବାର ବନ୍ୟା ଆସିବା ନେଇ ନେପାଳ ସରକାର ନଦୀକୂଳ ବାସିନ୍ଦାଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି । ଜାତୀୟ ବିପର୍ଯ୍ୟୟ ଆହ୍ୱାନ ହ୍ରାସ ଏବଂ ପରିଚାଳନା କର୍ତ୍ତୃପକ୍ଷ ଭୋଟେକୋଶି ନଦୀରେ ଜଳସ୍ତର ବୃଦ୍ଧି ପାଉଥିବା ନେଇ ସୂଚନା ଦେଇଛନ୍ତି ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଏପର୍ଯ୍ୟନ୍ତ ୧୦୮ଜଣ ଭାରତୀୟ ନାଗରିକଙ୍କୁ ଉଦ୍ଧାର କରାଯାଇସାରିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଜୟସ୍ୱାଲ କହିଛନ୍ତି ଅନ୍ୟ ୫୦ଜଣ ଭାରତୀୟ ନାଗରିକଙ୍କ ସହ ଯୋଗାଯୋଗ ସ୍ଥାପନ ସମ୍ଭବ ହୋଇଛି । ଚୀନ୍‌ରେ ଅଟକି ରହିଥିବା ୯୦୦ଜଣ ଭାରତୀୟ ନାଗରିକ ସୁରକ୍ଷିତ ଅଛନ୍ତି ଏବଂ ବେଜିଂସ୍ଥିତ ଭାରତୀୟ ଦୂତାବାସ ସେମାନଙ୍କ ସହ ଯୋଗାଯୋଗରେ ରହିଛି ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି ।

## ଭିପି-କେରଳମ୍ ଭିଜିଟ୍

ବିଶ୍ୱସନୀୟତା ହେଉଛି ସାମ୍ବାଦିକତାର ମୂଳଦୁଆ ବୋଲି ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ କହିଛନ୍ତି । କେରଳମ୍‌ର ଆଲାପୁଝାଠାରେ ଦୈନିକ ଖବରକାଗଜ 'କେରଳ କୌମୁଦି'ର ୧୧୫ତମ ବାର୍ଷିକୀ ସମାରୋହକୁ ଉଦ୍‌ଘାଟନ କରି ଉପରାଷ୍ଟ୍ରପତି ଏହା କହିଛନ୍ତି । ନୀତିଗତ ପଦକ୍ଷେପ ମାଧ୍ୟମରେ ଏକ ଶତାବ୍ଦୀରୁ ଅଧିକ ସମୟ ଧରି ସାମ୍ବାଦିକତା କ୍ଷେତ୍ରରେ ନିଜକୁ ପ୍ରତିପାଦିତ କରିଥିବାରୁ ଏହି ଖବରକାଗଜକୁ ଉପରାଷ୍ଟ୍ରପତି ଅଭିନନ୍ଦନ ଜଣାଇଛନ୍ତି । ସମାରୋହରେ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକରଙ୍କ ସମେତ ରାଜ୍ୟ ମନ୍ତ୍ରୀ ପରିଷଦର ସଦସ୍ୟ ଯୋଗ ଦେଇଥିଲେ । ଦୁଇଦିନିଆ ଗସ୍ତ ଅବସରରେ ଶ୍ରୀ ରାଧାକୃଷ୍ଣନ ଆଜି

ସକାଳେ କୋଚିରେ ପହଞ୍ଚିବା ପରେ ରାଜ୍ୟପାଳ ଆର୍ଲେକର ତାଙ୍କୁ ସ୍ୱାଗତ କରିଥିଲେ । ଅପରାହ୍ଣରେ ଶ୍ରୀ ରାଧାକୃଷ୍ଣନ ପଥନମ୍ଥିଟ୍ଟାସ୍ଥିତ ବହୁ ପୁରାତନ ଏବଂ ମର୍ଯ୍ୟାଦାଜନକ ଅରନ୍ମୁଲା ୱାଟର ଫେଷ୍ଟିଭାଲକୁ ଉଦ୍‌ଘାଟନ କରିବେ । ଉପରାଷ୍ଟ୍ରପତି ତିରୁୱନନ୍ତପୁରମ୍‌ରେ ଓନମ୍ ପର୍ଯ୍ୟଟନ ସପ୍ତାହ ସମାପନ ସମାରୋହ କାର୍ଯ୍ୟକ୍ରମରେ ମଧ୍ୟ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## କ୍ରିକେଟ୍ - ୱିମେନ୍‌ସ ଟି-୨୦ ଏସିଆ କପ୍

ମହିଳା ଟି-ଟ୍ୱେଣ୍ଟି ଏସିଆ କପ୍ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ଭାରତ ତା'ର ଅଭିଯାନ ଆରମ୍ଭ କରିବ । ଦୁବାଇ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମଠାରେ ଭାରତ' ଥାଇଲାଣ୍ଡକୁ ଭେଟିବ । ଭାରତୀୟ ସମୟ ରାତି ସାଢ଼େ ୮ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ହର୍‌ମନ୍‌ପ୍ରୀତ୍ କୌର୍‌ଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଛି ।

## ଏଫ୍‌ଆଇଏଚ୍ ହକି ଫାଇନାଲ

ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ ୨୦୨୬ ପ୍ରତିଯୋଗିତାର ଟାଇଟଲ ହାସଲ ପାଇଁ ଆଜି ପୂର୍ବତନ ଚମ୍ପିଆନ ଜର୍ମାନୀ ଏବଂ ସ୍ପେନ୍ ମଧ୍ୟରେ ମୁକାବିଲା ହେବ । ବେଲ୍‌ଜିୟମର ୱାଭ୍‌ରେସ୍ଥିତ ବେଲଫିୟସ ହକି ପଡ଼ିଆଠାରେ ଫାଇନାଲ ମ୍ୟାଚ୍ ଭାରତୀୟ ସମୟ ରାତି ୮ଟାରେ ଆରମ୍ଭ ହେବ । ଜର୍ମାନୀ ଚତୁର୍ଥଥର ପାଇଁ ଟାଇଟଲ ହାସଲ କରିବାକୁ ଚେଷ୍ଟା

କରିବ । ଅନ୍ୟପକ୍ଷରେ ସ୍ପେନ୍ ପ୍ରଥମଥର ପାଇଁ ଟାଇଟଲ ହାସଲ କରିବାକୁ ଉଦ୍ୟମ କରିବ ବୋଲି ଆଶା କରାଯାଉଛି ।

ଆର୍ଜେଣ୍ଟିନା ମହିଳା ଏଫ୍ଆଇଏଚ୍ ବିଶ୍ୱକପ୍ ଚାମ୍ପିୟନ ହୋଇଛି । ଗତକାଲି ଅନୁଷ୍ଠିତ ଫାଇନାଲରେ ପେନାଲ୍ଟି ସୁଟ୍ଆଉଟ୍ ଜରିଆରେ ଆର୍ଜେଣ୍ଟିନା' ନେଦରଲ୍ୟାଣ୍ଡ୍ସକୁ ୩-୧ ଗୋଲ୍‌ରେ ପରାସ୍ତ କରିଥିଲା । ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲ୍‌ରେ ଅମୀମାଂସିତ ରହିବାରୁ ପେନାଲ୍ଟି ସୁଟ୍ଆଉଟ୍ ଅନୁଷ୍ଠିତ ହୋଇଥିଲା ।